
ପାଠ - ୧

# ଚିତ୍ର ଦେଖି ଗପ କୁହ

ଚିତ୍ର- ୧






ଚିତ୍ର- ୨



ଚିତ୍ର -୩

ଯାନବାହନର ନାମ କୁହ ।















ଏଥିରେ ତୁମେ କୁଆଡ଼େ ଯାଇପାରିବ କୁହ ।

ଚିତ୍ର -୪




ଚିତ୍ର-୫





ଏଠି ଛଅଟି ତଫାତ୍ ଅଛି । ମୁଁ ______ ଟି ବାହାର କଲି ।

ଚିତ୍ର - ୬ - ଏଠି ହରିଣ ଚିତ୍ର ଅଛି । ଏହାକୁ ଦେଖି ଚିତ୍ର ଦୁଇଟି ସମ୍ପୂର୍ଣ୍ଣ କର ।



# ଅଭ୍ୟାସ

## ୧। ପଢ଼ ଓ ଲେଖ ।

| | | | | | |
|---|---|---|---|---|---|
| ପତାକା | | ବାଳକ | | ବୁଢ଼ା | |
| କୃଷକ | | ନଡ଼ିଆ | | କୂଅ | |
| ଘର | | ପାହାଡ଼ | | | |

## ୨। ଗାଆଁରେ ସକାଳ ଚିତ୍ର ଦେଖି କୁହ ।

(କ) ଚିତ୍ରରେ ବୁଢ଼ାଟି କେଉଁଠି ବସିଛି ?


(ଖ) ସୂରୁଯ କେଉଁଠି ଦେଖାଯାଉଛି ?

(ଗ) ପିଲା ଦୁଇଟି କୁଆଡ଼େ ବାହାରିଛନ୍ତି ?

(ଘ) କୃଷକ କ'ଣ କରୁଛି ?

ଚିତ୍ର ଦେଖି ଏପରି ପ୍ରଶ୍ନ ସାଙ୍ଗମାନଙ୍କ ସହ ପଚରାପଚରି ହୁଅ ।

## ୩। ଚିତ୍ର ଦେଖି ଲେଖ ।










୪। ବଳଦ କ'ଣ କ'ଣ ଖାଇ ହଳ କରିବାକୁ ଯିବ ?

ଯେପରି – ଦାନା, ______ ______ ______ ______

୫। ଚିତ୍ରକୁ ରଙ୍ଗ କର।



୬। ଜାଣିଥିବା ପକ୍ଷୀମାନଙ୍କ ନାମ କୁହ, ଯେପରି – କୋଇଲି

୭। ଦିଆଯାଇଥିବା ଚିତ୍ରକୁ ଦେଖି ଏଥିରେ କ'ଣ ନାହିଁ ତାକୁ ଅଙ୍କନ କର ।



ପାଠ - ୧

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

*ପିରିୟଡ଼ ସଂଖ୍ୟା - ୨୮*

**କ'ଣ ଶିଖିବେ -**

**ଭାଷା : ଶ୍ରବଣ, କଥନ, ପ୍ରଶ୍ନର ଉତ୍ତର ଦେବା, ବୁଝିବା ଦକ୍ଷତା**

**ପରିବେଶ – ଗାଆଁରେ ସକାଳର ଚିତ୍ର ମାଧ୍ୟମରେ ସକାଳ ଓ ପରିବେଶ ସହିତ ପୂର୍ବ ବର୍ଷର ପାଠର ଆଲୋଚନା ।**

**ଚିତ୍ର –୧ :** ପିଲାମାନେ ନିଜେ ନିଜେ ଚିତ୍ର ଦେଖି ଗପ ତିଆରି କରିବେ । ସେଗୁଡ଼ିକୁ ଶ୍ରେଣୀରେ ଜଣକ ପରେ ଜଣେ କହିବାକୁ ଶିକ୍ଷକ କହିବେ ।

**ଚିତ୍ର –୨**

- 'ଗାଆଁରେ ସକାଳ'କୁ ମନୋଯୋଗ ଦେଇ ଦେଖିବେ ।
- ନିଜ ନିଜ ମଧ୍ୟରେ ଚିତ୍ର ସମ୍ପର୍କରେ ଆଲୋଚନା କରିବେ ।
- ପ୍ରତ୍ୟେକ ଚିତ୍ରକୁ ଦେଖିବାସହ ପୂରା ଚିତ୍ରକୁ ଦେଖିବେ ।
- ଶିକ୍ଷକ ଚିତ୍ରରୁ ପ୍ରଶ୍ନ ପଚାରିବାସହ ସେ ସମ୍ପର୍କିତ ପ୍ରଶ୍ନ ନିଜେ ତିଆରି କରିବେ ।
- ପିଲାମାନେ ନିଜ ଅନୁଭୂତିରୁ ସକାଳର ଦୃଶ୍ୟ ସମ୍ପର୍କରେ ବର୍ଣ୍ଣନା କରିବେ ।
- ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ କ'ଣ କ'ଣ କରନ୍ତି ବର୍ଣ୍ଣନା କରିବାସହ ଅଭିନୟ ମଧ୍ୟ କରିବେ ।
- ପିଲାମାନେ ପଶୁପକ୍ଷୀକୁ ଚିତ୍ରରେ ଚିହ୍ନିବାସହ ଅନ୍ୟ କେଉଁସବୁ ପଶୁପକ୍ଷୀଙ୍କୁ ଚିହ୍ନିଛନ୍ତି ସେ ବିଷୟ ଶିକ୍ଷକ ପଚାରିବେ ।
- ଘର ଓ ବାହାର ପରିଷ୍କାର ରଖିବା ବିଷୟରେ ଆଲୋଚନା କରିବେ ।
- ଚିତ୍ରରେ ପିଲାମାନେ ପାଠ ପଢ଼ିବାକୁ ଯାଉଛନ୍ତି । ପାଠପଢ଼ା ସମ୍ପର୍କରେ ଅଲୋଚନା କରିବେ । ଏହିପରି ଚିତ୍ରରୁ ବିଭିନ୍ନ ବିଷୟରେ ଆଲୋଚନା ହେବ ।

**ଚିତ୍ର –୩-୪:** ଚିତ୍ର ଦେଖିବେ । କେଉଁ କେଉଁ ଯାନବାହନରେ ସେମାନେ ବସିଛନ୍ତି କହିବେ ।

**ଚିତ୍ର –୫ :** ପିଲାମାନେ ବ୍ୟକ୍ତିଗତ ଭାବରେ ୨ ନମ୍ବର ଚିତ୍ରକୁ ଦେଖିବେ । ଶିକ୍ଷକ ପିଲାଙ୍କୁ ପଚାରି ଫରକ ବାହାର କରିବେ ।

**ଚିତ୍ର – ୬ :** ହରିଣ ଚିତ୍ର ନିଜେ ବହିରେ ଅଙ୍କନ କରିବେ । ରଙ୍ଗ ଦେଇ ପାରନ୍ତି ।

**ଅଭ୍ୟାସ କାର୍ଯ୍ୟ :**

- ଚିତ୍ର ଦେଖି ସବୁପିଲାଙ୍କୁ କହିବା ପାଇଁ କୁହାଯିବ ।
- ଅଧିକ ଶବ୍ଦ ଲେଖା ଯାଇପାରେ ।
- ଚିତ୍ରରୁ ଅଧିକରୁ ଅଧିକ ପ୍ରଶ୍ନ ପଚରା ଯାଇପାରେ ।
- ପିଲାମାନେ ଜାଣିଥିବା ଅନେକ ପକ୍ଷୀଙ୍କ ନାମ ସେମାନଙ୍କଠାରୁ ଆଦାୟ କରାଯିବ ।
- ବିଭିନ୍ନ ଚିତ୍ର ସଂଗ୍ରହ କରିବା କାମ ଦିଆଯାଇପାରେ ।

